## Blood Donation Camp Organized at NIC, Odisha State Centre

On the occasion of the birth anniversary of Dr. N. Seshagiri, the NIC Employees' Association for Recreation & Sports (NEARS), Odisha, in collaboration with the Red Cross, Bhubaneswar, organized a Blood Donation Camp at the NIC, Odisha State Centre on 15th May 2025, starting from 10:00 AM. As a prelude to the main event, an Awareness Program on Blood Donation was conducted on 14th May 2025 at the Seshagiri Memorial Hall, aiming to educate and motivate participants about the importance of voluntary blood donation.

All members and NIC personnel were encouraged to actively participate in this noble initiative to donate blood and help save lives. Following the event of Blood Donation Camp, , an eye check-up camp was organized in collaboration with Dr. Agrawal's Eye Hospital, offering valuable health services to attendees. The event received a positive response, with several volunteers stepping forward to donate blood. To recognize and appreciate the generous contributions of the donors, certificates and prizes were distributed. The program successfully reflected the collective spirit of service and compassion within the NIC community.

## Newsclips

# ଏନ୍‌ଆଇସି ପକ୍ଷରୁ ରକ୍ତଦାନ ଶିବିର




ଭୁବନେଶ୍ୱର,୧୫।୫(ବ୍ୟୁରୋ): ଏନଆଇସିର ସଂସ୍ଥାପକ ତଥା ପ୍ରଥମ ମହାନିର୍ଦ୍ଦେଶକ ପଦ୍ମଭୂଷଣ ଡା.ଏନ ଶେଷାଗିରିଙ୍କ ଜନ୍ମଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଏହାର ରାଜ୍ୟ ମୁଖ୍ୟାଳୟରେ ଏକ ରକ୍ତଦାନ ଶିବିର ହୋଇଛି। ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଗତକାଲି ରକ୍ତଦାନ ସମ୍ପର୍କରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ଭୁବନେଶ୍ୱରସ୍ଥିତ ରେଡକ୍ରସର ଆଞ୍ଚଳିକ ରକ୍ତ କେନ୍ଦ୍ରର ବରିଷ୍ଠ ଚିକିତ୍ସା ଅଧିକାରୀ ଡା.ଦେବୀ ପ୍ରସାଦ ରଥ, ପରାମର୍ଶଦାତା ଗୁଲସନ କୁମାର ଦାଶ ରକ୍ତଦାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏନ୍‌ଆଇସି ଓଡ଼ିଶାର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ.ଅଶୋକ କୁମାର ହୋତା ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଡା.ଅଗ୍ରୱାଲ ଚକ୍ଷୁ ହସ୍ପିଟାଲ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ହୋଇଥିଲା।

ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୦
୧୬ ମଇ, ୨୦୨୫ ଶୁକ୍ରବାର
କେନ୍ଦ୍ରାପଡ଼ା

ଓଡ଼ିଶା ଏକ୍ସପ୍ରେସ୍
ସର୍ବେ କଲ୍ୟାଣି ପଶ୍ୟନ୍ତୁ...
ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 10
16th May, 2025 Friday
Kendrapara

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

ନୀତି ବାଣୀ

# ଏନଆଇସିର ରକ୍ତଦାନ ଶିବିର




ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ଏନ.ଆଇ.ସି.ର ସଂସ୍ଥାପକ ତଥା ପ୍ରଥମ ମହାନିର୍ଦ୍ଦେଶକ ପଦ୍ମଭୂଷଣ ଡା଼ଃ ଏନ ଶେଷାଗିରୀଙ୍କ ଜନ୍ମଦିବସ ଅବସରରେ ଏହାର ଭୁବନେଶ୍ୱର ସ୍ଥିତ ରାଜ୍ୟ ମୁଖ୍ୟାଳୟରେ ଆଜି ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଏହି ଶିବିରଟି ଭୁବନେଶ୍ୱର ସ୍ଥିତ ରେଡ କ୍ରସର ଆଞ୍ଚଳିକ ରକ୍ତ କେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି ।

ଆଜି ପୂର୍ବାହ୍ନରେ ଡା଼ଃ ଶେଷାଗିରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ରକ୍ତଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏନ.ଆଇ.ସି., ଓଡିଶାର ସମସ୍ତ ଅଧିକାରୀ ତଥା କର୍ମଚାରୀ ଉତ୍ସାହପୂର୍ବକ ବହୁସଂଖ୍ୟାରେ ଏଥିରେ ଯୋଗ ଦେଇଥିଲେ ଏବଂ ରକ୍ତଦାନ କରିଥିଲେ । ଆଜିର ରକ୍ତଦାନ ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ଏହାର ଅବ୍ୟବହିତ ପୂର୍ବରୁ ଗତକାଲି ରକ୍ତଦାନର ସଚେତନତା ଉପରେ ଏକ ଆଲୋଚନା ସଭା ଡା଼ଃ ଶେଷାଗିରୀ ମେମୋରିଆଲ ହଲରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭୁବନେଶ୍ୱର ସ୍ଥିତ ରେଡ କ୍ରସର ଆଞ୍ଚଳିକ ରକ୍ତ କେନ୍ଦ୍ରର ବରିଷ୍ଠ ଚିକିତ୍ସା ଅଧିକାରୀ ଡା଼ଃ ଦେବୀ ପ୍ରସାଦ ରଥ ତଥା ରକ୍ତଦାନ ପରାମର୍ଶଦାତା ଗୁଲସନ କୁମାର ଦାଶ ରକ୍ତଦାନର ବିଭିନ୍ନ ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏନ.ଆଇ.ସି., ଓଡିଶାର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡା଼ଃ ଅଶୋକ କୁମାର ହୋତା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଏହି ପୂଣ୍ୟ କାର୍ଯ୍ୟରେ ସହଯୋଗ କରିବା ଏବଂ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ । ଏହି ପରିପ୍ରେକ୍ଷୀରେ ଡା଼ଃ ଅଗ୍ରୱାଲ ଚକ୍ଷୁ ହସ୍ପିଟାଲ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ଅପରାହ୍ନରେ ଏନ.ଆଇ.ସି., ଓଡିଶାର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡା଼ଃ ଅଶୋକ କୁମାର ହୋତା ରକ୍ତଦାତା ମାନଙ୍କୁ ମାନପତ୍ର ତଥା ଉପହାର ପ୍ରଦାନ ସହିତ ସମ୍ମାନିତ କରିଥିଲେ ।

NITIDIN
ନିତିଦିନ
BHUBANESWAR - 16 May 2025 - Page 4

# ଏନ୍‌ଆଇସିରେ ରକ୍ତଦାନ ଶିବିର




**ଭୁବନେଶ୍ୱର, ୧୫।୫/ଏନ୍‌ଏନ୍‌ଏସ୍:** ଏନ୍‌ଆଇସିର ସଂସ୍ଥାପକ ତଥା ପ୍ରଥମ ମହାନିର୍ଦ୍ଦେଶକ ପଦ୍ମଭୂଷଣ ଡାଃ ଏନ ଶେଷାଗିରୀଙ୍କ ଜନ୍ମଦିବସ ଅବସରରେ ଏହାର ଭୁବନେଶ୍ୱର ସ୍ଥିତ ରାଜ୍ୟ ମୁଖ୍ୟାଳୟରେ ଆଜି ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଭୁବନେଶ୍ୱର ସ୍ଥିତ ରେଡ୍‌କ୍ରସର ଆଞ୍ଚଳିକ ରକ୍ତ କେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଏନ୍‌ଆଇସି, ଓଡ଼ିଶାର ସମସ୍ତ ଅଧିକାରୀ ତଥା କର୍ମଚାର ରକ୍ତଦାନ କରିଥିଲେ । ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ଏହାର ଅବ୍ୟବହିତ ପୂର୍ବରୁ ଗତକାଲି ରକ୍ତଦାନର ସଚେତନତା ଉପରେ ଏକ ଆଲୋଚନା ସଭା ଡାଃ ଶେଷାଗିରୀ ମେମୋରିଆଲ ହଲରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭୁବନେଶ୍ୱର ସ୍ଥିତ ରେଡକ୍ରସର ଆଞ୍ଚଳିକ ରକ୍ତ କେନ୍ଦ୍ରର ବରିଷ୍ଠ ଚିକିତ୍ସା ଅଧିକାରୀ ଡାଃ ଦେବୀପ୍ରସାଦ ରଥ ଓ ରକ୍ତଦାନ ପରାମର୍ଶଦାତା ଗୁଲସନ କୁମାର ଦାଶ ରକ୍ତଦାନର ବିଭିନ୍ନ ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏନଆଇସି, ଓଡ଼ିଶାର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡାଃ ଅଶୋକ କୁମାର ହୋତା କାର୍ଯାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ରକ୍ତଦାନ କରିବା ପାଇଁ ଉସାହିତ କରିଥିଲେ । ଏହି ପରିପ୍ରେକ୍ଷୀରେ ଡାଃ ଅଗ୍ରୱାଲ ଚକ୍ଷୁ ହସ୍ପିଟାଲ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା ।

tathya
INFORMING PEOPLE



HOME ABOUT US NEWS IN ODIA

Home › Health › Blood Donation Camp In NIC

NEWS HEALTH

# Blood Donation Camp In NIC

By **Tathya Correspondent** - May 16, 2025

**https://tathya.in/blood-donation-camp-in-nic/**